# ଭାଷା:ଭାବକୁ ଅଭାବ

ISSN -2583-147X(P)
**Bastabatara Pariprakash Prachee**
***Peer Reviewed and Referred Research Journal***

**–ଜ୍ଞାନୀ ଦେବାଶିଷ ମିଶ୍ର**

ଭାଷା ପାଇଁ ଭାବ ନା ଭାବ ପାଇଁ ଭାଷା ! ଆପଣ ନିଶ୍ଚୟ ରାଜି ହେବେ ଯେ ଭାବକୁ ବ୍ୟକ୍ତ କରିବାପାଇଁ ଭାଷାର ଆବଶ୍ୟକତା ପଡ଼ିଥିବ । ଏବଂ କ୍ରମେକ୍ରମେ ଭାବାଭିବ୍ୟକ୍ତିର ସେଇ ମ୍ଫମଗୁଡ଼ିକ ସ୍ପଷ୍ଟ-ଅସ୍ପଷ୍ଟ ଧ୍ୱନିମାନଙ୍କ ବାଟଦେଇ ଅର୍ଥପୂର୍ଣ୍ଣ ଶବ୍ଦରେ ରୂପାନ୍ତରିତ ହୋଇଥିବେ । ଅର୍ଥପୂର୍ଣ୍ଣ ଶବ୍ଦମାନେ କ୍ରମେ ବାକ୍ୟରେ ରୂପାନ୍ତରିତ ହୋଇ ଅଭିବ୍ୟକ୍ତିକୁ ପୂର୍ଣ୍ଣତା ଦେଇଥିବେ ।

ଭାଷା ଆଗ, ତା'ପରେ ଭାଷାକୁ ଶୃଙ୍ଖଳିତ କରିବାପାଇଁ ବ୍ୟାକରଣ । ପ୍ରତି ଭାଷାର ରକ୍ତରେ ବ୍ୟାକରଣଟିଏ ଥାଏ । କର୍ତ୍ତା, କ୍ରିୟା, କର୍ମ - କିଏ, କେଉଁଠି ରହିବେ, କାହା ପରେ ରହିବେ- କ୍ରମଟିଏ ମ୍ଫ ଥାଏ । ବ୍ୟାକରଣ ଅନୁଯାୟୀ କ୍ରିୟାଟି କର୍ତ୍ତା ଅନୁସାରୀ ହୁଏ । ପାଠ ନପଢ଼ି ବି ଛୋଟପିଲାଟିଏ ମୁଁ "ଖାଇବି', ତୁ "ଖାଇବୁ', ସେ "ଖାଇବ' କୁହେ । ପରେ ସେ ହୁଏତ ପଢ଼େ ଓ ଭାଷାର ଶୃଙ୍ଖଳା ଶିଖେ । ଆମ ରକ୍ତରେ ନଥିବାରୁ ଇଂରାଜୀବେଳକୁ ଆମେ ଆଗ ସୀମିତ ଶବ୍ଦଜ୍ଞାନ ଜରିଆରେ ବ୍ୟାକରଣ ଶିଖିସାରି ଭାଷା ଓ ଭାବର ବିସ୍ତୃତିଆଡ଼କୁ ଯାଉ । ବିଦେଶୀ ଭାଷା ଅ୍ଧୟନବେଳେ ମ୍ଫ ଆମେ ଆଗ ବ୍ୟାକରଣ ଉପରେ ଗୁରୁତ୍ୱ ଦେଉ ।

ଶୃଙ୍ଖଳା ହିଁ ଭାଷାର ସ୍ୱାତନ୍ତ୍ର୍ୟ । ଭାଷାର ପ୍ରବହମାନତା ସହିତ ଶବ୍ଦଭଣ୍ଡାର ଓ ବ୍ୟାକରଣରେ ନ ଦିଶିଲା ଭଳି ଟିକିଟିକି ପରିବର୍ତ୍ତନ ବି ଘଟିପାରେ । ବୈଦେଶିକ ଭାଷା ଆସି ନିଜ ପ୍ରଭାବ ବଳରେ ମ୍ଫ ସାନସାନ ବ୍ୟତିକ୍ରମ କରେ । କିନ୍ତୁ ସିଂହଭାଗ ଅପରିବର୍ତ୍ତନୀୟ । ଆମ ଶବ୍ଦଭଣ୍ଡାର ମ୍ଫ ସମୟ-ପ୍ରଭାବ-ଅନୁକରଣପ୍ରିୟତା ଯୋଗୁଁ ବଢୁଥାଏ-ଛିଡୁଥାଏ ।

ଏଇ ଯେମିତି "ଡକ୍ଟର' ଶବ୍ଦଟି ଆସିଲା ଇଂରାଜୀରୁ ଓ ଆମେ କହିଲୁ "ଡାକ୍ତର' । ସେତିକିରେ ସୀମିତ ରହିଲୁନି । ଯେହେତୁ ଆମର ଅଭ୍ୟାସ ଥିଲା ବାହ୍ମଣ-ବାହ୍ମଣୀ, ଗଉଡ଼-ଗଉଡୁଣୀ ଇତ୍ୟାଦି କହିବା, ଆମେ ତାର ଲିଙ୍ଗ ବଦଳେଇ "ଡାକ୍ତରାଣୀ' କରିଦେଲୁ । ଓଡ଼ିଆ ପ୍ରୟୋଗରେ ଲୋକଟିର ସ୍ତ୍ରୀ ଅର୍ଥରେ ଥିଲା, ଏଠି ସେଇଆ ନୁହେଁ ଜମାରୁ । ଶବ୍ଦ ବଢ଼ିଲା, ଭାବ ବ୍ୟକ୍ତ ହେଲା । ଅସୁବିଧା ହେଲାନି । ଆମେ ଗ୍ରହଣ କରିନେଲେ । ଅର୍ଥର ବିସ୍ତୃତି ମ୍ଫ ଘଟିଲା ।

ଆଗ ମଣିଷ ଭାଷା ଶିଖେ, ପରେ ବ୍ୟାକରଣ ଜାଣେ । କିନ୍ତୁ ନିଜକୁ ଅପରପାଖରେ ବ୍ୟକ୍ତ କଲାବେଳେ ଦୁଇଟିଯାକ ଲୋଡ଼ା । ଏଠି ପରୀକ୍ଷାଦେବା କି କ୍ଲାସ୍ ଉଠିବା କଥା ପଡ଼ିନି, ଯେଉଁ ଭାଷା ଓ ବ୍ୟାକରଣ ଲୋକ ପ୍ରୟୋଗ ତଥା ପ୍ରବହମାନତାରେ ବଞ୍ଚିଛି, ତା କଥା ଭୁଲିଗଲେ ମ୍ଫ ଚଳିବନାହିଁ ।

"କବିତା ସର୍ବଦା ବ୍ୟାକରଣ ମୁକ୍ତ ।' -ଏ କଥା କୁହନ୍ତି କବିମାନେ ପ୍ରାୟତଃ । ଏହା କହିଲାବେଳେ ଆମେ କିନ୍ତୁ କବିତାର ବ୍ୟାକରଣ କଥା କହୁ, ଭାଷାର ନୁହେଁ । ଏ ବକ୍ତବ୍ୟଟି କବିତାକୁ ବନ୍ଧନମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ହୁଏତ । ସୀମିତତାରୁ ମୁକ୍ତି ପାଇଁ ହୁଏତ । ଭୁଲ ଲେଖି ଖସିଯିବାପାଇଁ ଆଦୌ ନୁହେଁ । ବ୍ୟାକରଣକୁ ଅସ୍ୱୀକାର କରି ଭକ୍ତିର ଦୃଢ଼ତା ରୂପାନ୍ତରିତ ହୁଏ "ଦାଢ୍ୟତା ଭକ୍ତି'ରେ । ମାତ୍ର ଏହା ବ୍ୟତିକ୍ରମ । ବ୍ୟତିକ୍ରମ ସର୍ବଦା ଉଦାହରଣ ହେଇପାରେନା ।

ସାଂପ୍ରତିକ ସମୟରେ ସାମାଜିକ ଗଣମ୍ଫମମୁଖର ଆମର ଅଭିବ୍ୟକ୍ତି ସବୁ । ସେ କ୍ଷେତ୍ରରେ ମ୍ଫ ଭାବବ୍ୟକ୍ତ କଲାବେଳେ ବନାନ୍-ଗତ ଶୁଦ୍ଧତା ଏକାନ୍ତ ଅପରିହାର୍ଯ୍ୟ । ମୁଁ ଜାଣିନି ବୋଲି ଭୁଲ ଲେଖୁଚି ହୁଏ ତ । ଅଭିଧାନଟିଏର ଆବଶ୍ୟକତା ଅଛି ବୋଲି ନ ଭାବିବା ବି କାରଣ ହେଇପାରେ ମୋର ଅଶୁଦ୍ଧିର । ଶବ୍ଦ ଅଶୁଦ୍ଧିପାଇଁ ମତେ କେହି ତାଗିଦ୍ କରିନି, ଶିଖେଇନି, ଖୁନ୍ଦେ-ଚାପୁଡ଼େ ପକେଇନି କି ଗାଳି ଦେଇନି ବୋଲି ବି ହେଇପାରେ ହୁଏତ । ଯାହା ଲେଖିଲେ ବି ଚଳିବ ମ, ଭାବ ବଡ଼, ଭାଷା ନୁହେଁ - ଏଥିପାଇଁ ବି ହୋଇଥାଇପାରେ । ନିଜକୁ ବ୍ୟକ୍ତ କରିବାର ଅହଂ ମନୋବୃତ୍ତି ବି କାରଣ ହେଇଥାଇପାରେ ।

ଆମ ପିଲାଦିନକୁ ସମୃଦ୍ଧ କରିଥିବା ଜଣେ ସାରଙ୍କ କଥା ମନେପଡୁଚି । ସବୁଦିନ ପାଠପଢ଼ି ଘରକୁ ଫେରିଲାବେଳକୁ ସେ ଆମକୁ ଦୃଷ୍ଟିଲିଖନ ଲେଖିବାକୁ ଦେଉଥିଲେ । ପୁଣି ପାଖରେ ଥିଲାବେଳେ ଶ୍ରୁତଲିଖନ ଡାକୁଥିଲେ । "ଶାଢ଼ି'କୁ "ଶାଢ଼ୀ' ବୋଲି ଲେଖିଲେ ପାନ ପିକ ପକେଇଦେଇ କହୁଥିଲେ,"ହଁ ରେ ପୁଅ, ତୁ ବୋଧେ ଦ୍ରୌପଦୀଙ୍କ ଶାଢ଼ି କଥା ଲେଖିଚୁ ! ଦୁଃଶାସନ ଟାଣୁଚି, ଦ୍ରୌପଦୀ କୃଷ୍ଣଙ୍କ ପାଖେରେ ଶରଣ ପଶିଚି, କୃଷ୍ଣ ଦେଇ ଚାଲିସିନ୍ତି, ସରୁନି । ସେଇଥିପାଇଁ ଦୀର୍ଘତା ଦୃଷ୍ଟିରୁ ଦୀର୍ଘ ଇ ହେଇଯାଇଥିବ । ଆମତମ ଘରର ଶାଢ଼ି ହେଇଥିଲେ, ଛୋଟ ହେଇଥାନ୍ତା । ତେଣୁ ହର୍ଷେ ଇ ହେଇଥାନ୍ତା । ଆହାରେ ଦୁର୍ଭାଗା ।' ଅବଶ୍ୟ ଓଡ଼ିଶାର ଗାଁ-ସହର ହେଇ ଯଦି ହଜାରେ ଏକାବନ ଶାଢ଼ି ଦୋକାନ ଥିବ, ତେବେ ଗବେଷଣା କଲେ ଦେଖାଯିବ, ହଜାରେ ଅଣଚାଶ ଦୋକାନୀ ଦ୍ରୌପଦୀଙ୍କ ପାଖରେ ଅଟକିଛନ୍ତି । ପୁଣି କୋଉଠି "ବାକୀ' ଲେଖିଦେଲେ ସେଇ

ସାର୍ କହୁଥିଲେ, ବହୁତଦିନ କି ବର୍ଷବର୍ଷର ବାକି ହେଇଥିବ ବୋଲି ସିନା ଦୀର୍ଘ ଇ ଲେଖିଦେଇଚୁ । ଆମତମ ବାକି ତ ଅଳ୍ପ ଦିନର ବାକି । ହ୍ରସ୍ୱ ପ୍ରୟୋଗ ହବ । ସେଇ ସଚେତନତାର ହାତଉଞ୍ଚା ପାଞ୍ଚଣଟି ହଜିଯାଉଚି କ୍ରମଶଃ ।

କହିରଖେ, କଥିତ-ଉପ ତଥା ଆଞ୍ଚଳିକ ଭାଷାର ସାହିତ୍ୟିକ ପ୍ରୟୋଗକୁ ବ୍ୟାକରଣ ବା ବନାନ୍-ଗତ ଅସ୍ଥିରତାରେ ଆଦୌ ଗଣାହେବା ଉଚିତ ନୁହେଁ । କିନ୍ତୁ ପ୍ରୟୋଗଟି ଚେଷ୍ଟାକୃତ ଭଳି ନ ଦିଶି ଭାବ ସହ ଏକାତ୍ମ୍ ହେବା ଆବଶ୍ୟକ । ବାଲେଶ୍ୱର ବାରିପଦାର "କିସ' ଶୁଣି ଆମେ ଥଟ୍ଟା କରିଦଉ । କିନ୍ତୁ କି ଦରଦୀ-ମରମଥରା ଢଙ୍ଗରେ କାନ୍ତକବି ଲେଖିଲେ,

'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼େଇବ ହେ!

ଯାହା ଦେଇଥିଲ, ସବୁ ତ ନେଲଣି,ଆଉ କିସ ଏବେ ଛଡ଼ାଇବ ହେ!'

ଶୁଣିଦେଲାବେଳକୁ ମଞ୍ଜ ଥରିଗଲା ଭଳି ଓ ନ ଶୁଭିଲା କାନ୍ଦ ବାହାରିଆସିବା ଭଳି ଗୀତଟିଏ । "କିସ'କୁ ଟିକଲ କରିବାକୁ ଜିଭ ଲେଉଟେ କ'ଣ!

'କୀରମୋହନଙ୍କ ରଚନାରେ ଉତ୍ତର ଓଡ଼ିଶାର ଭାଷା ଯେଉଁ ମର୍ଯ୍ୟାଦା ପାଇଚି, ତାକୁ କଣ ପ୍ରଶ୍ନ ପଚାରି ହୁଏ ! ଗୋପାଳକୃଷ୍ଣଙ୍କ ଗୀତିକା ହଉ କି ଦୀନନାଥ ପାଠୀଙ୍କ "ଦିଗପହଣ୍ଡିର ଡ୍ରଇଂମାଷ୍ଟ୍ରେ'-ଯିଏ ଶୁଣିଚି-ପଢ଼ିଛି, ତାକୁ ଦକ୍ଷିଣଓଡ଼ିଶା ଭାଷାର ମହକ ନିଶ୍ଚୟ ବାସିବ । ଶବ୍ଦଟିଏ ଉପଯୁକ୍ତ ପ୍ରୟୋଗରେ ସାର୍ଥକତା ପାଏ । ଅଶ୍ଳୀଳତାର ଘେରରୁ ମୁକୁଳି ଯାଇପାରେ । ମାତ୍ର ଓଲଟା ହେଲେ, କଥା ସରିଲା ।

ଆମ ଭାଷାର ସ୍ୱାତନ୍ତ୍ର୍ୟ ହେଉଛି ସ୍ୱରାନ୍ତ ଉଚ୍ଚାରଣ । ଆମେ ସିନା ଉଚ୍ଚାରଣରେ ଆଧୁନିକତା ନାମରେ ଓ ହିନ୍ଦୀ ଭାଷାର ମାତ୍ରାଧିକ ପ୍ରଭାବରେ ହଳନ୍ତମୁଖୀ ଉଚ୍ଚାରଣରେ ଭାସିଗଲେ ଓ ମାନସିକ ଦାରିଦ୍ର୍ୟ ହେତୁ ହିନ୍ଦୀ-ଇଂରାଜୀମିଶା ଓଡ଼ିଆକୁ ଉପଯୁକ୍ତ ଉଚ୍ଚାରଣ ବୋଲି ଭାବିଲେ, ନହେଲେ ଅଧିକାଂଶତଃ ଆମ ପଦ୍ଧତିରେ ସ୍ୱରଧ୍ୱନିରେ ହିଁ ଉଚ୍ଚାରଣ ଶେଷହୁଏ ।

"ଓଡ଼ିଆ ବେତାର' ଶୀର୍ଷକରେ ଏକଦା ଧୀରେନ୍ ଦାଶ ସେ ପ୍ରସଙ୍ଗରେ ଲେଖିଥିଲେ ଚିଠିଟିଏ 'ଡଗର'ର ସମ୍ପାଦକ ନିତ୍ୟାନନ୍ଦ ମହାପାତ୍ରଙ୍କୁ । ଖବର ପଢୁଥିବା କର୍ମଚାରୀଙ୍କ ଉଚ୍ଚାରଣ ପଦ୍ଧତିରେ ଥିବା ଦୁଇଚାରିଟି ପ୍ରସଙ୍ଗ ଉଲ୍ଲେଖକରି । ଚିଠିଟି ଥିଲା -

'ଡଗର'ର ସମ୍ପାଦକ ମହାଶୟ, ନମସ୍ତେ

ଭାରତ ସରକାରଙ୍କ ପ୍ରଚାର ବିଭାଗର ଦିଲ୍ଲୀ ବେତାର କେନ୍ଦ୍ରରୁ ଦେଶବାସୀଙ୍କୁ ନିଜ ନିଜ ମାତୃଭାଷାରେ ଦୈନିକ ଖବର ଶୁଣାଇବା ପାଇଁ ପ୍ରାୟ ପ୍ରତ୍ୟେକ ପ୍ରଦେଶରୁ ଏକାଧିକ କର୍ମଚାରୀ ନିଯୁକ୍ତ ଅଛନ୍ତି । ଓଡ଼ିଆ ଭାଷାପାଇଁ ମ୍ମ ଦୁଇଜଣ କର୍ମଚାରୀ ଅଛନ୍ତି । ଅନ୍ୟଭାଷା ଗୁଡ଼ିକରେ ଯେତେଥର ଖବର ଶୁଣିଲେ ମ୍ମ ଏକାପ୍ରକାର ଶୁଭୁଛି କିନ୍ତୁ ଓଡ଼ିଆ ଭାଷାରେ ଭିନ୍ନ କର୍ମଚାରୀଙ୍କ ଅନୁସାରେ ଭାଷା ମ୍ମ ଭିନ୍ନ ପ୍ରକାରର ଶୁଭୁଛି ଅର୍ଥାତ୍ ଜଣେ କର୍ମଚାରୀ ପଢ଼ିବା ସମୟରେ ପୁରା ବଙ୍ଗମାତ୍ରା ହଳନ୍ତ୍ ଆଦି ଲଗାଇ ପଢୁଛନ୍ତି ଓ ଅନ୍ୟ ଜଣଙ୍କ ପୁରା ଓଡ଼ିଆ 'ଅ' କାରାନ୍ତରେ ପଢୁଛନ୍ତି । ମୋର ଜଣେ ଅଣଓଡ଼ିଆ ବନ୍ଧୁ ଅନେକ ଥର ମୋ ସହିତ ଓଡ଼ିଆ ଖବର ଶୁଣି ହଠାତ୍ ଦିନେ ମତେ କହିଲେ – "ଆପଣଙ୍କର ଭାଷା କ'ଣ ଦୁଇଟା ?' ବନ୍ଧୁଙ୍କ ଏ ପ୍ରଶ୍ନରେ ମୁଁ ଆମର ପ୍ରକୃତ ଦୋଷଟା ବୁଝି ପାରିଲି ।

ମୁଁ ମାନୁଚି, ପ୍ରଦେଶ ଭିତରେ ସ୍ଥାନ ନେଇ ଭାଷାର ପ୍ରଭେଦ ଦେଖାଯାଏ । କିନ୍ତୁ ସଂଖ୍ୟାଧିକ ଜନସାଧାରଣଙ୍କୁ ନେଇ ଭାଷାଟାକୁ ସୁବିଧା ପାଇଁ ଗୋଟିଏ ନୀତିରେ ପକାଇ ଦିଆ ଯାଇଥାଏ ଯେଉଁଥିରେ କି ବହିପତ୍ର, ଖବରକାଗଜ ଇତ୍ୟାଦି ଚଳେ । ଭାଷାଟା ଏକ ଥିବା ସମୟରେ ଉଚ୍ଚାରଣରେ ପ୍ରଭେଦ କାହିଁକି ଯେ ହେବ ମୁଁ ଭାବିପାରୁନାହିଁ । ଆମ ଭାଷାପାଇଁ କ'ଣ ନିର୍ଦ୍ଦିଷ୍ଟ ଉଚ୍ଚାରଣ ନାହିଁ? ଉପରୋକ୍ତ କର୍ମଚାରୀ ମାନଙ୍କର ନିଯୁକ୍ତି ସମୟରେ ସେମାନଙ୍କର ଉଚ୍ଚାରଣର ନିଶ୍ଚୟ ପରୀକ୍ଷା ନିଆଯାଇଥିବ । ଓଡ଼ିଆ ପରସ୍ପର ଦୁଇ ଭିନ୍ନ ପ୍ରକାର ଉଚ୍ଚାରଣ କରୁଥିବା ବ୍ୟକ୍ତି ନିଯୁକ୍ତ କରି କ'ଣ ପ୍ରାଦେଶିକ ଭାଷା ପ୍ରକୃତ ଉଚ୍ଚାରଣ କେଉଁଟା କରିବେ ଏହା ପରୀକ୍ଷା କରୁଛନ୍ତି ।

ଶ୍ରୀ ଧୀରେନ୍ ଦାଶ(ବମ୍ବେ)

ଗଣ୍ଡଗୋଳଟି ହୁଏତ ମାନକ ଓଡ଼ିଆ ଭାଷା ସହିତ ପ୍ରାଦେଶିକ ଭାଷାର । ମାତ୍ର ଭାଷା ଯେତେବେଳେ ଗଣମାଧ୍ୟମ ଜରିଆରେ ପ୍ରସାରିତ ହୁଏ ସେତେବେଳେ ସଚେତନତାର ସ୍ତର ଆହୁରି ଅଧିକ ହେବାର ଆବଶ୍ୟକତା ଅଛି ।

ଭାବ ହିଁ ଗୁରୁତ୍ୱପୂର୍ଣ୍ଣ-ଅମୃତ ସମାନ — ମୁଁ ବି ମାନୁଚି । କିନ୍ତୁ ତାକୁ ସାଇତିବା ପାଇଁ ବା ଧାରଣ କରିବା ପାଇଁ ଭାଷା ତ ପାତ୍ରଟିଏ ନା! ସେଥିରେ ଯଦି କଣା ରହିଲା ଗଣ୍ଡେ କି ଛଅଟା-କେମିତି ଅକ୍ଷୁଣ୍ଣ ରହିବ "ଭାବ' !

**ଓଡ଼ିଆ ବିଭାଗ,**

**ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩**